
# ପିଲାଙ୍କ ଧରିତ୍ରୀ

ଶନିବାର, ୨୬ ଜାନୁୟାରୀ, ୨୦୧୯



କବିତା
୬




ତୁମ ତୂଳୀରୁ
୪/୫






ଆଇନା
୮






## ମତାମତ

● ଏଥର ପିଲାଙ୍କ ଧରିତ୍ରୀ ପ୍ରଚ୍ଛଦଟି ଖୁବ୍ ସୁନ୍ଦର ଲାଗୁଥିଲା। ପୃଷ୍ଠା ୩ ରେ ପ୍ରକାଶ ପାଇଥିବା 'ବିଦେଶାଗତ ପକ୍ଷୀଙ୍କ ସମାଗମ'ରୁ ବିଭିନ୍ନ ପକ୍ଷୀ ବିଷୟରେ ଜାଣିବାକୁ ପାଇଲି।

– ମୋନା, ସୋନା, ମିଟିନା, ବୌଦ୍ଧ

● ଗପ ସ୍ତମ୍ଭରେ ପ୍ରକାଶିତ 'ଅନୁକରଣ'ରୁ ବାସ୍ତବରେ ନକଲରେ ଅକଲ ନ ଥାଏ ବୋଲି ଜଣାପଡିଲା। ଏଥର ଜଣାଅଜଣାରୁ ଅନେକ ନୂଆ କଥା ଶିଖିବାକୁ ମିଳିଲା।

– ଅଭୟ ମହାରଣା, କେନ୍ଦୁଝର

● ବିଜ୍ଞାନ କଥାରେ ପ୍ରକାଶ ପାଇଥିବା 'ଦୁଇଟି କମ୍ବଳ' ବିଷୟଟି ଜାଣିବା ଉପଯୋଗୀ ପାଠ।

– ବୈଭବ ବେହେରା, ଶୈଳଶ୍ରୀ ବିହାର, ଭୁବନେଶ୍ୱର

● ସୃଜନାତ୍ମକ କଳାରେ ସ୍ଥାନ ପାଇଥିବା ପିଆଜ ଓ ବିନ୍ଦୁରେ କଳାକୃତି ଖୁବ୍ ସୁନ୍ଦର ଲାଗୁଥିଲା।

– ପରିଣିତା ମହାପାତ୍ର, ପ୍ରୀତିପୁର, ଯାଜପୁର

## ଶୁଆ ଓ ଜ୍ୟୋତିଷ

ଗପ



ଶୁଆ ଗୋଟିଏ ଲୁଗା ଦୋକାନ ଖୋଲିଲା। ଏଥିପାଇଁ ସେ ଦିନରାତି ପରିଶ୍ରମ କଲା । ଗ୍ରାହକଙ୍କୁ ଉତ୍ତମ ବ୍ୟବହାର କରିବାରୁ ଗ୍ରାହକଙ୍କ ସଂଖ୍ୟା ବଢ଼ିଲା। ତେଣୁ ତା'ର ବ୍ୟବସାୟ ମଧ୍ୟ ବଢ଼ି ବଢ଼ି ଚାଲିଲା। ଫଳରେ ବହୁ କର୍ମଚାରୀ ନିଯୁକ୍ତ କଲା। ବଡ଼ ବଡ଼ ଘର ତିଆରି କଲା। ତା'ର ବେଶ ପୋଷାକ ଖାଦ୍ୟପେୟ ସହିତ କଥାବାର୍ତ୍ତାର ଢଙ୍ଗ ବି ବଦଳିଲା। ପ୍ରଥମେ ସେ ଗ୍ରାହକମାନଙ୍କୁ ଦେବତା ମନେକରି 'ନମସ୍କାର' କରୁଥିଲା। କିନ୍ତୁ ପରେ ସେମାନଙ୍କୁ 'ତୁ, ତା' କରିବାକୁ ଲାଗିଲା। ଦିନକୁ ଦିନ ଗ୍ରାହକ ଅସନ୍ତୁଷ୍ଟ ହେଲେ। ଆଉ ଦିନ କେଇଟାରେ ତା' ଦୋକାନ ଦୁଆର କେହି ମାଡ଼ିଲେ ନାହିଁ। ବଡ଼ଘର ଖାଁ ଖାଁ ଲାଗିଲା। ଭାଗ୍ୟ ଖରାପ ପଡ଼ିଛି ବୋଲି ଭାବି ଜ୍ୟୋତିଷଙ୍କ ସାହାଯ୍ୟ ନେଲା ଶୁଆ। ସେ ବାବଦରେ ମଧ୍ୟ ଢେର ଖର୍ଚ୍ଚାନ୍ତ ହେଲା । ତଥାପି ତା'ର ଅବସ୍ଥା ସୁଧୁରିଲା ନାହିଁ। ଏକଥାକୁ ଲକ୍ଷ୍ୟ କରୁଥାଏ ବଣି। ସେ ଛଦ୍ମବେଶରେ ଜଣେ ଜ୍ୟୋତିଷ ଭାବେ ଶୁଆ ପାଖରେ ଯାଇ ପହଞ୍ଚିଲା। ଶୁଆଠାରୁ ସବୁ ଶୁଣିବା ପରେ କହିଲା– ଗ୍ରାହକମାନେ ଦୋକାନ ଭିତରକୁ ପ୍ରବେଶ କରିବା ସମୟରେ ଓ ଦୋକାନରୁ ବାହାରିବା ସମୟରେ 'ନମସ୍କାର' କର । ତୁମର ସବୁ ସମସ୍ୟା ତୁଟିଯିବ ଆଉ ବ୍ୟବସାୟ ବଢ଼ିବ । ଏଥିରେ କିଛି ଖର୍ଚ୍ଚ କରିବାକୁ ପଡୁ ନ ଥିବା ଜାଣି ଶୁଆ ତାହା ହିଁ କଲା। ଗ୍ରାହକମାନେ ଏଣିକି ତା' ଦୋକାନକୁ ଆସିବାକୁ ଲାଗିଲେ। ଏହିପରି କିଛିଦିନ ଗଲା। ଦିନେ ବଣି ପହଞ୍ଚି ତା'ର ଭଲମନ୍ଦ ପଚାରିବାରୁ ଶୁଆ ଗୋଟିଏ ଟଙ୍କା ବିଡା ତା'ର ପାଉଣାସ୍ୱରୂପ ତାକୁ ପ୍ରଦାନ କରିବାକୁ ଆଣିଲା। ତାହା ଦେଖି ବଣି ଅସଲ କଥା କହିଲା। ସେ କହିଲା ତୁମର ବ୍ୟବହାର ପାଇଁ ତୁମେ ହଇରାଣ ହେଉଥିଲ। ଏବେ ତୁମେ ବ୍ୟବହାର ବଦଳାଇଲ ସେଥିପାଇଁ ତା'ର ସୁଫଳ ପାଇଲ। ପ୍ରକୃତରେ ମୁଁ ଜ୍ୟୋତିଷ ନୁହେଁ। ତାହା ଶୁଣି ଶୁଆ ଆଶ୍ଚର୍ଯ୍ୟ ହୋଇଗଲା। ନିଜର ଭୁଲ୍ ନ ବୁଝି ସମସ୍ତେ ଭାଗ୍ୟକୁ ନିନ୍ଦିବା ଗୋଟିଏ ଖରାପ କାର୍ଯ୍ୟ ବୋଲି ବଣି ବୁଝାଇଦେଲା।

– **ରମେଶ ଚନ୍ଦ୍ର ଦାଶ,** *ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡା ପୁରୀ–୨, ମୋ:୯୭୭୬୨୩୮୫୨୨*

## ଖିଲିଖିଲି ହସ

ଦୁଇସାଙ୍ଗ କ୍ରିକେଟ୍ ମାଚ୍ ଦେଖୁଥିଲେ । ଏତିକିବେଳେ ଜଣେ ବ୍ୟାଟ୍ସମ୍ୟାନ୍ ଛକା ମାରିବାରୁ ଫେଙ୍କୁ କହିଲା–ବାଃ ! କି ଗୋଲ କଲା
ପପୁ: ଆରେ,ଗୋଲ ଏଥିରେ ନୁହେଁ କ୍ରିକେଟ୍‌ରେ ହୁଏ।

**ଦୁଇସାଙ୍ଗ ମଧ୍ୟରେ କଥାବାର୍ତ୍ତା**
ବୁଝିଲୁ ସାଙ୍ଗ ଚାଇନା ଆମର ଶତ୍ରୁ। ଆମେ ଭାରତୀୟମାନେ ତା'ଠୁ ଶତ୍ରୁତା କାଢ଼ିବାକୁ ହେଲେ ଚାଓମିନ୍‌ର ନାଁ ବଦଳାଇ ଲଚ୍ଛୋ ଦେବୀ କରିଦେବା ଦରକାର।

ରାମୁ: କ'ଣ କରୁଛୁ ରାଜୁ ?
ରାଜୁ: କିଛି ନାହିଁ ମୁଁ ନେଟ୍‌ରେ ବସିଛି।
ରାମୁ: ସେଥିପାଇଁ ମୁଁ କହୁଛି ନେଟ୍ କାହିଁକି ଆସୁନି ଉଠି ଯା ମୋଟୁ।



## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

## ଚଗଲା ଭୀମୁ




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ଆସ ପାଳିବା ଗଣତନ୍ତ୍ର ଦିବସ



**୧୯୫୦ ମସିହା ଜାନୁୟାରୀ ୨୬ ଦିନ ଆମ ଭାରତର ସମ୍ବିଧାନ ପ୍ରଣୟନ ହେଲା, ଫଳରେ ଭାରତ ଏକ ଗଣତନ୍ତ୍ର ରାଷ୍ଟ୍ରର ମାନ୍ୟତା ଲାଭ କଲା। ସେବେଠାରୁ ଆମେ ପ୍ରତିବର୍ଷ ଜାନୁୟାରୀ ୨୬ କୁ ଗଣତନ୍ତ୍ର ଦିବସ ରୂପେ ପାଳନ କରି ଆସୁଛୁ। ତେବେ ଛାତ୍ରୀଛାତ୍ରମାନେ ଏହି ଦିବସକୁ କିଭଳି ପାଳନ କରନ୍ତି ଏବଂ ଗଣତନ୍ତ୍ର ଦିବସ କହିଲେ କ'ଣ ବୁଝନ୍ତି ସେ ସମ୍ପର୍କରେ....**



✲ **ଏଥର ନୃତ୍ୟ ପ୍ରତିଯୋଗିତାରେ ଭାଗ ନେବି:** ପ୍ରତିବର୍ଷ ଜାନୁୟାରୀ ୨୬ ତାରିଖକୁ ଆମେ ଗଣତନ୍ତ୍ର ଦିବସ ରୂପେ ପାଳନ କରୁଛୁ। ଏହି ଦିନ ଆମର ସମ୍ବିଧାନ ପ୍ରଣୟନ ହୋଇଥିଲା। ଏହି ଅବସରରେ ଆମ ସ୍କୁଲରେ ପତାକା ଉତ୍ତୋଳନ ସହିତ ପରେଡ ତଥା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏହି ବର୍ଷ ମୁଁ ନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇଛି ଏବଂ ଉତ୍ତମ ନୃତ୍ୟ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଅଧିକାର କରିବି ବୋଲି ଆଶା ରଖିଛି।

– **ରିତେଶ କୁମାର ଦାସ,** *କ୍ଲାସ-୮, ଗ୍ଲୋବାଲ ଇଂଲିଶ ମିଡିୟମ୍ ସ୍କୁଲ, ଯାଜପୁର ରୋଡ*



✲ **'ଏଇ ମାଟିକୁ ଜୁହାର' ଗୀତିନାଟ୍ୟ ପରିବେଷଣ କରିବୁ:** ଜନରାଜ୍ୟ ଦିବସ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଗୌରବର ଦିନ। ଏହା ମୋ ପାଇଁ ମଧ୍ୟ ଏକ ସ୍ମୃତି ଦିବସ। ପ୍ରତିବର୍ଷ ଏଦିନ ଆମ ସ୍କୁଲରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ ଏବଂ ମୁଁ ନିଶ୍ଚିତ ଭାବେ ଭାଗନେଇ ଅନେକ ପୁରସ୍କାର ଲାଭ କରିଥାଏ। ଏବର୍ଷ ଜନରାଜ୍ୟ ଦିବସ ଅବସରରେ ଆମ ସ୍କୁଲର ଛାତ୍ରୀଛାତ୍ର 'ଏଇ ମାଟିକୁ ଜୁହାର' ନାମକ ଏକ ଗୀତିନାଟ୍ୟ ପରିବେଷଣ କରିବୁ।

– **ମୋନିକା ଦାଶ,** *କ୍ଲାସ-୧୦, କ୍ଷେତ୍ରମୋହନ ବିଦ୍ୟାପୀଠ, ଶାଳପଡା, ଆନନ୍ଦପୁର*



✲ **ମହାନ୍ ନେତାଙ୍କୁ ସ୍ମରଣ କରିଥାଉ:** ଏହିଦିନ ଆମ ଦେଶର ସମ୍ବିଧାନ ପ୍ରଣୟନ ହୋଇଥିଲା। ଜାନୁୟାରୀ ୨୬ ସକାଳୁ ଜାତୀୟ ପତାକା ତଳେ ଆମେ ସାଙ୍ଗସାଥୀ ଏକତ୍ରିତ ହୋଇ ଦେଶ ସେବାରେ ଜୀବନ ଦେଇଥିବା ମହାନ୍ ନେତାଙ୍କୁ ସ୍ମରଣ କରିଥାଉ। ଜାତୀୟ ସଙ୍ଗୀତ ଗାଇବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥାଉ। ପରେଡ ମଧ୍ୟ ଅନୁଷ୍ଠିତ ହୋଇଥାଏ। ଶିକ୍ଷକମାନେ ଆମକୁ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିଥାନ୍ତି। ଏହି ମାଟିରେ ଜନ୍ମ ନେଇଥିବାରୁ ମୁଁ ଗର୍ବ ଅନୁଭବ କରେ।

– **ସୋନାଲି ବାଡତ୍ୟା,** *କ୍ଲାସ- ୭, ସୁଭଦ୍ରା ମହତାବ ବାଳିକା ଉଚ୍ଚ ବିଦ୍ୟାଳୟ, ଓଲ୍ଡ୍ ଟାଉନ୍, ଭୁବନେଶ୍ୱର*



✲ **ଆମ ଭାଷାକୁ ସୁରକ୍ଷିତ ରଖିବା ପାଇଁ ଶପଥ ନେବା:** ଗଣତନ୍ତ୍ର ଦିବସ କେବଳ ସାମୟିକ ଆନନ୍ଦଦାୟକ ଉତ୍ସବ ନୁହେଁ। ଏହା ଆମ ପାଇଁ ଆତ୍ମସମୀକ୍ଷାର ଦିନ। ଏହିଦିନ ଆମେ ଶପଥ ନେବା ଆମ ଦେଶକୁ, ଆମ ଭାଷାକୁ ସୁରକ୍ଷିତ ରଖିବା, ସମ୍ମାନ ଦେବା ଓ ଶ୍ରଦ୍ଧା କରିବା।

– **ଆଦ୍ୟାଶା ପ୍ରିୟଦର୍ଶିନୀ ମିଶ୍ର,** *କ୍ଲାସ-୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମାଛଗାଁ, ଜଗତ୍‌ସିଂହପୁର*



✲ **ସ୍କୁଲରେ ଏହି ଦିବସଟିକୁ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଏ:** ଭାରତର ସମ୍ବିଧାନ ହେଉଛି ପୃଥିବୀର ସର୍ବବୃହତ୍ ସମ୍ବିଧାନ। ଏହି ସମ୍ବିଧାନ ୧୯୫୦ ମସିହା ଜାନୁୟାରୀ ୨୬ ତାରିଖ ଦିନ ପ୍ରଣୟନ ହୋଇଥିଲା। ଡ. ବି.ଆର. ଆମ୍ବେଦକରଙ୍କୁ ଭାରତୀୟ ସମ୍ବିଧାନର ଜନକ ବୋଲି କୁହାଯାଏ। ଏହି ଦିନଟିକୁ ସମ୍ମାନ ଦେବାକୁ ଯାଇ ପ୍ରତିବର୍ଷ ଜାନୁୟାରୀ ୨୬ ତାରିଖକୁ ଭାରତର ସମସ୍ତ ଶିକ୍ଷାନୁଷ୍ଠାନ ଏବଂ କାର୍ଯ୍ୟାଳୟରେ ଗଣତନ୍ତ୍ର ଦିବସ ପାଳନ କରାଯାଇଥାଏ। ଆମ ସ୍କୁଲରେ ମଧ୍ୟ ଏହି ଦିବସଟିକୁ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଏ।

– **ସୌତିକ ସିଂ,** *କ୍ଲାସ-୯, ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲ, ଗୋହିରା, କେଉଁଝର*



✲ **ସାଧାରଣତନ୍ତ୍ର ଦିବସ ସମସ୍ତଙ୍କ ମନରେ ଦେଶପ୍ରେମ ଭରି ଦେଉ:** ଜାନୁୟାରୀ ୨୬ରେ ଆମ ସମ୍ବିଧାନ ପ୍ରଣୟନ ହେଲା। ଯାହାକୁ ଆମେ ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସ ରୂପେ ପାଳନ କରୁ। ଏହି ଦିବସ ସମସ୍ତଙ୍କ ମନରେ ଦେଶପ୍ରେମ ଭରି ଦେଉ ଏହାହିଁ ମୋର କାମନା। ଏହି ଦିନଟିକୁ ପ୍ରତି ସ୍କୁଲ୍‌ରେ ବେଶ୍ ଉତ୍ସାହ ସହ ପାଳନ କରାଯାଏ।

–**ସୋନାଲି ନନ୍ଦ,** *କ୍ଲାସ-୯, ନ ମୌଜା ହାଇସ୍କୁଲ୍, ଆଳି, କେନ୍ଦ୍ରାପଡା*



✲ **ଏହି ଦିବସରେ ମିଠା ବଣ୍ଟାଯିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ:** ଭାରତର ଜାତୀୟ ପର୍ବ ମଧ୍ୟରୁ ଅନ୍ୟତମ ସାଧାରଣତନ୍ତ୍ର ଦିବସ। ପ୍ରତିବର୍ଷ ଜାନୁୟାରୀ ୨୬ ତାରିଖରେ ଆମେ ଏହି ଦିବସକୁ ପାଳନ କରିଥାଉ। ଏହି ଦିନ ଜାତୀୟ ପତାକା ଉତ୍ତୋଳନ ସହ ଆମେ ଜନଗଣ ମନଅଧି.... ଗାନ କରିଥାଉ। ଆମ ସ୍କୁଲରେ ଏହି ଦିବସରେ ମିଠା ବଣ୍ଟାଯିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।

– **ନିରାଲି ପାଢୀ,** କ୍ଲାସ୍-୩, କେନ୍ଦ୍ରୀୟ ବିଦ୍ୟାଳୟ, ପୋଖରୀପୁଟ, ଭୁବନେଶ୍ୱର



✲ **ଏହି ଦିନଠୁ ଆମ ଦେଶର ନିଜସ୍ୱ ଆଇନ କାର୍ଯ୍ୟକାରୀ ହୋଇଥିଲା :** 'ଗଣ ଶବ୍ଦର ଅର୍ଥ ଲୋକମାନେ ଓ ତନ୍ତ୍ର ଅର୍ଥ ଶାସନ। ଆମ ଦେଶ ୧୯୪୭ ମସିହା ଅଗଷ୍ଟ ୧୫ଦିନ ସ୍ୱାଧୀନ ହେଲା। କିନ୍ତୁ ୧୯୫୦ ଜାନୁୟାରୀ ୨୬ ତାରିଖ ପର୍ଯ୍ୟନ୍ତ ଆମ ଦେଶରେ ଇଂରେଜ ପ୍ରଦତ୍ତ ଆଇନ୍ କାର୍ଯ୍ୟକାରୀ ହେଉଥିଲା। ଭାରତରେ ସ୍ୱତନ୍ତ୍ର ଆଇନ ଖସଡା ବା ସମ୍ବିଧାନ ପ୍ରଣୟନ ହୋଇ ନ ଥିଲା। ଏହାପରେ ସମସ୍ତେ ଅନୁଭବ କଲେ, ଯେହେତୁ ଆମ ଦେଶ ସ୍ୱାଧୀନ ହୋଇଗଲା ସେଥିଲାଗି ଆମ ଦେଶର ନିଜସ୍ୱ ସମ୍ବିଧାନ ପ୍ରଣୟନ ହେଲା। ଏହି ସମ୍ବିଧାନର ଜନକ ଥିଲେ ଡ. ଭୀମରାଓ ଆମ୍ବେଦକର। ତେବେ ଏହି ଦିନଟି ସମସ୍ତଙ୍କ ପାଇଁ ସ୍ମରଣୀୟ।

–**ଶୁଭାଂଶୁ ଶେଖର ବ୍ରହ୍ମା,** *କ୍ଲାସ-୧୦, ଶୁଦ୍ଧାନନ୍ଦ ବିଦ୍ୟାଳୟ, ନଛିପୁର, କଟକ*



✲ **ପ୍ରତ୍ୟେକ ଭାରତୀୟଙ୍କ ଲାଗି ଗୌରବର ଦିନ:** ଏହିଦିନଟି ଭାରତର ପ୍ରତ୍ୟେକ ନାଗରିକଙ୍କ ପାଇଁ ଗୌରବର ଦିନ। ଆମ ଦେଶର ସମ୍ବିଧାନ ଏହି ଦିନ ପ୍ରଣୟନ ହେଲା। ଗଣତନ୍ତ୍ର ଦିବସ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।

– **ସାଇ ପ୍ରଜ୍ଞା ମିଶ୍ର,** *କ୍ଲାସ-୧୦, ଓଡିଣ୍ଡା ହାଇସ୍କୁଲ, ଜଗତ୍‌ସିଂହପୁର*


**ଆଦ୍ୟା ଦାସ**
କ୍ଲାସ-୧,ଡିଏଭି ପବ୍ଲିକ୍ ସ୍କୁଲ୍, ୟୁନିଟ୍ -୮, ଭୁବନେଶ୍ୱର
୧


**ଏମ୍ ରଜତ୍‌କୁମାର ସିଂହ**
କ୍ଲାସ-୭, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଚାନ୍ଦବାଲି, ଭଦ୍ରକ
୨


**କୁମାର ପ୍ରଭୁ ଦତ୍ତ**
କ୍ଲାସ-୭, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଦଶପଲ୍ଲା, ନୟାଗଡ
୩


**ଅନିଶା ଦାସ**
କ୍ଲାସ-ନର୍ସରୀ, ଲିଟିଲ୍ ଓ୍ୱିଙ୍ଗସ ସ୍କୁଲ୍, ଜୟଦେବ ବିହାର, ଭୁବନେଶ୍ୱର
୪


**ଆର୍ଯ୍ୟନ୍ ନନ୍ଦ**
କ୍ଲାସ-୨, କଳଦିଆ ପ୍ରାଥମିକ ବିଦ୍ୟାଳୟ, ଆଳି, କେନ୍ଦ୍ରାପଡା
୫


**ଇପ୍‌ସିତା ଭଦ୍ର**
କ୍ଲାସ-୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଆରୁହା, ଯାଜପୁର
୬


**ସତ୍ୟମ୍ ଷଡଙ୍ଗୀ**
କ୍ଲାସ-୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଟାଙ୍ଗୀ, କଟକ
୭


**ଶ୍ରିୟାଶ୍ରୀ ମିଶ୍ର**
କ୍ଲାସ-ୟୁକେଜି, ପ୍ରଭୁଶ୍ରୀ ଇଂଲିଶ ମିଡିୟମ୍ ସ୍କୁଲ, ମାଳତିପାଟପୁର, ପୁରୀ
୮


**ଶିବାନୀ ପଟ୍ଟନାୟକ**
କ୍ଲାସ-୪, ଡିଏଭି ପବ୍ଲିକ୍ ସ୍କୁଲ୍, ପୁରୀ
୯


**ଶ୍ରେୟାଂଶୁ ହୋତା**
କ୍ଲାସ-୧, ସାରସ୍ୱତ ବାଲ୍ ମନ୍ଦିର, ଜୟପୁର, କୋରାପୁଟ
୧୦




୧


୨




୩


୪




୫


୬



୭


୮


୯


୧୦

## ରଙ୍ଗ ଦିଅ




# କହିଲ ଦେଖି

✻ ମଉକା ପାଇଲେ ରକତ ଶୋଷେ,
ମଣିଷ ଉପରେ ଯତନେ ବସେ।
ଡେଙ୍ଗୁ ବାତଜ୍ୱର କାରଣ ସିଏ,
ମ୍ୟାଲେରିଆ ଜ୍ୱର ତା' ପାଇଁ ହୁଏ।
ତା' ନାଆଁଟିକୁ କହିବ ଯିଏ,
ଲଡୁ ଦୁଇଗୋଟି ଖାଇବ ସିଏ।
(ଉତ୍ତର: ମଶା)



✻କେଶର ଯତନ ନିଅଇ ସିଏ,
ଆଲୁରା କେଶକୁ ସଜାଡି ଦିଏ।
ଲୋଡ଼ା ହୁଅଇ ସେ ନିତିଦିନ,
ଲଣ୍ଠାର ନ ଥାଏ ପ୍ରୟୋଜନ।
(ଉତ୍ତର: ପାନିଆ)





✻ ବିଦ୍ୟୁତ ନ ଥିଲେ ପଡ଼ଇ ଖୋଜା,
ମହମରେ ତା'ର ରୂପଟି ସଜ୍ଜା।
ଦୀପାବଳିରେ ତା' ଭାରି ଆଦର,
ଭଳି ଭଳି ରଙ୍ଗ କେତେ ପ୍ରକାର।
ଜଳି ଜଳି ସିଏ ହୁଅଇ ହ୍ରାସ,
ଅନ୍ଧାରକୁ ସିଏ କରଇ ନାଶ।
(ଉତ୍ତର: ମହମବତି)



✻ ଶୀତ ଦିନେ ତା'ର ଆଦର ଭାରି,
ଖରା ବରଷାରେ ଅଦରକାରୀ।
ଦେହକୁ ଉଷୁମ ରଖଇ ସିଏ,
କହିପାରିବ ତାଆ ନାମଟି କିଏ।
(ଉତ୍ତର: ଶୀତପୋଷାକ)

–ପ୍ରୀତିପ୍ରିୟା ମହାନ୍ତି
ଶିକ୍ଷୟିତ୍ରୀ, ମୟୂରଝାଲିଆ, ରଣପୁର
ନୟାଗଡ, ମୋ: ୮୨୮୦୨୪୯୧୯୮


## ଏଥରର ପ୍ରଶ୍ନ ?

✻ ଭାରତର ସମ୍ବିଧାନ କେବେ ପ୍ରଣୟନ ହୋଇଥିଲା ?
✻ କାହାକୁ ଭାରତୀୟ ସମ୍ବିଧାନର ଜନକ ବୋଲି କୁହାଯାଏ ?
✻ ଭାରତରେ ଜାନୁୟାରୀ ୨୬କୁ କେଉଁ ଦିବସ ରୂପେ ପାଳନ କରାଯାଏ ?
✻ ଡ. ବି. ଆର. ଆମ୍ବେଦକରଙ୍କ ପୂରା ନାମ କ'ଣ ?
✻ ଭାରତର ପ୍ରଥମ ରାଷ୍ଟ୍ରପତି କିଏ ?

## ଆରଥରର ଉତ୍ତର

✻ ହୋୟାଂହୋ
✻ ରୋମ୍
✻ ଆଫ୍ରିକା
✻ ଇଜିପ୍ଟ
✻ନରୱେ

## ତୁମ ପଢ଼ିବା ପାଇଁ




**ମୋ ଆଶା:** ତ୍ରୈମାସିକ ଶିଶୁ କିଶୋର ପତ୍ରିକା 'ମୋ ଆଶା'ର ଜାନୁୟାରୀ–ମାର୍ଚ୍ଚ ସଂଖ୍ୟାରେ ଅଠାସୁର ଓ ପଞ୍ଚାସ୍ତ୍ର କଥା, ବୋଝ ହାଲୁକା ହେଲା, ଗୁଗୁଲର ଇଂରାଜୀ ଶିକ୍ଷା, ବାଇଚଢ଼େଇ, ମାଆ, ଟାକୁଆ ପରି ରହିଛି କେତୋଟି ଶିକ୍ଷଣୀୟ ଗଳ୍ପ ଓ କବିତା। ସୁମନ୍ତ ମହାରଣାଙ୍କ ସମ୍ପାଦିତ ଏହି ପତ୍ରିକାର ମୂଲ୍ୟ ୧୫ଟଙ୍କା। ଯୋଗାଯୋଗ–'ମୋ ଆଶା', ଲିଟିଲ୍ ଷ୍ଟାର ଗ୍ରୁପ୍, ପାଟପୁର, ନିମାପଡା, ପୁରୀ।

# କବିତା

## ଆମ ଜାତୀୟ ପତାକା

ନାରଙ୍ଗୀ, ଧଳା, ସବୁଜ ରଙ୍ଗର
ଜାତୀୟ ପତାକା ଆମ,
ନାରଙ୍ଗୀ ରଙ୍ଗଯେ ତ୍ୟାଗର ପ୍ରତୀକ
ଧଳାରଙ୍ଗ ଅଟେ ଶାନ୍ତି,
ସବୁଜ ଅଟଇ ବୀରତ୍ୱର ଗାଥା,
ଅଶୋକ ଚକ୍ରଯେ ନ୍ୟାୟ
ସତ୍ୟମେବ ଜୟତେ ଆମ ଭାରତର ଧ୍ୟେୟ।
ସ୍ୱାଧୀନ ଦେଶର ଗୌରବ ପରା
ଆମ ଏ ଜାତୀୟ ପତାକା
ଧର୍ମ ନିରପେକ୍ଷ ବାରତା ଦିଅଇ
ମନରେ ନ ରଖି ଶଙ୍କା।
ବୀର ଶହୀଦଙ୍କ ତ୍ୟାଗ ବଳିଦାନ
ଜାତୀୟ ପତାକା ଆମ,
ରହିଛି ରହିବ ଏ ବିଶ୍ୱ ବକ୍ଷରେ
ଚିରକାଳ ଅମଳିନ।

–ସୁଜାତା ଦାଶ
ସରସ୍ୱତୀ ଶିଶୁମନ୍ଦିର, ପଚ୍ଚାମୁଣ୍ଡାଇ, କେନ୍ଦ୍ରାପଡ଼ା
ମୋ: ୯୧୨୪୨୭୩୭୦୨



## ଦେଶଗୀତି

କେତେଯେ ବରଷ ଗଲାଣି ବିତି
ବିଦେଶୀ କବଳୁ ଆସିଯେ ଫିଟି
ଲହୁଲୁହ ଦେଇ ସଂଗ୍ରାମୀଗଣ
ଶହୀଦ ହୋଇଲେ ପଣକୁ ପଣ।
ସେହିକଥା ମନେ ହେଜି
ଗଢ଼ିବା ଏ ଦେଶ
ସରବେ ଯତନେ
ଅଳସୁଆ ପଣ ତେଜି।
ବଇରିର ତେଜ ପଡେ ଝାଉଁଳି
ସୀମାରେ ବାଜିଲେ ସଂହାର ଭେରି
ନୂଆନୂଆ ଅସ୍ତ୍ରେ ସାଜି ସୈନିକ
ଜଗତେ ରଖିଛି ଦେଶର ଟେକ।
ତାଙ୍କ ପରି କେହି ନାହିଁ



ଦେଶ ମା' ମାନ ରଖିବାକୁ ସଦା
ସମରେ ପଡଇ ଡେଇଁ।
ଦେଶକୁ ଆମର କରିବା ଟାଣ
ମାଟି ଛୁଇଁ କର ସଭିଏ ପଣ
ଜାତି, ଧର୍ମ, ଭେଦ ଦେବା ପାସୋରି
ଗୋଟିଏ ମା'ର ସନ୍ତାନ ପରି
ସତ୍ୟ, ନିଷ୍ଠା, ଦେଶପ୍ରୀତି
ସାଇତି ହୃଦୟେ ଆଗେଇଯିବାରେ
ମହାନ୍ ହେଉ ଏ ଜାତି।


–ଶକୁନ୍ତଳା ମିଶ୍ର
ଶିବଭବନ, ଦୋଳମଣ୍ଡପ ସାହି, ପୁରୀ
ମୋ: ୯୪୩୯୭୨୮୫୧୦

ବିଜ୍ଞାନ କଥା

# କୃତ୍ରିମ ଚନ୍ଦ୍ର



ସ୍ମିତା ନାୟକ




ଚନ୍ଦ୍ରର ଶୀତଳତା ସମସ୍ତଙ୍କ ମନରେ ଆନନ୍ଦ ଭରିଦିଏ। ଚାଇନାର କୃତ୍ରିମ ଚନ୍ଦ୍ର ଲଞ୍ଚ କରିବାପାଇଁ ପ୍ରସ୍ତୁତି ଚଳାଇଛି। ଏହି ଚନ୍ଦ୍ର ରୂପକ କୃତ୍ରିମ ଉପଗ୍ରହ ପୃଥିବୀର ପ୍ରାୟ ୮୦ କି.ମି. ପର୍ଯ୍ୟନ୍ତ ଆଲୋକ ଯୋଗାଇପାରିବ। ବିଶେଷ କଥା ଯେ କୃତ୍ରିମ ଚନ୍ଦ୍ର ପ୍ରକୃତ ଚନ୍ଦ୍ର ଅପେକ୍ଷା ଆଠଗୁଣ ଅଧିକ ଆଲୋକ ଦେବ। ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରକାଶିତ ତଥ୍ୟାନୁସାରେ ଏହି ଉପଗ୍ରହକୁ ଚେଙ୍ଗ୍ଡୁ ସହରର ଦକ୍ଷିଣ-ପଶ୍ଚିମ ଅଞ୍ଚଳ ଉପରେ ୨୦୨୦ ମସିହା ମଧ୍ୟରେ ସ୍ଥାପନ କରାଯିବ। ସେହି କୃତ୍ରିମ ଚନ୍ଦ୍ର ପ୍ରସ୍ତୁତି କାର୍ଯ୍ୟସହ ସଂପର୍କିତ କେତେକ ବିଶେଷ ଘଟଣା ସମ୍ପର୍କରେ ଆସନ୍ତୁ ଜାଣିବା। ଫ୍ରାନ୍ସର ଜଣେ କଳାକାରଙ୍କ କଳ୍ପନାରୁ ପ୍ରେରିତ ହୋଇ ଏହା କରାଯାଇଛି। ସେ ପୃଥିବୀକୁ ଚତୁଃପାର୍ଶ୍ୱରୁ ଦର୍ପଣମାଳାଦ୍ୱାରା ଘେରେଇ ଦେବା କଥା ତାଙ୍କ ଲେଖାରେ ଉଲ୍ଲେଖ କରିଥିଲେ। ଚେଙ୍ଗ୍ଡୁ ଏୟାରସ୍ପେସ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ମାଇକ୍ରୋଇଲେକ୍ଟ୍ରୋନିକ୍ସ ସିଷ୍ଟମ୍ ରିସର୍ଚ୍ଚ ଇନ୍ଷ୍ଟିଚ୍ୟୁଟ୍ କମ୍ପାନୀ ଲିମିଟେଡ୍‌ର ଚେୟାରମ୍ୟାନ ୱୁ ଚୁନଫେଙ୍ଗ୍ ଏହି ପରିଯୋଜନା ପ୍ରକାଶ କଲେ। ଏହି କୃତ୍ରିମ ଚନ୍ଦ୍ରମାକୁ ପାରମ୍ପରିକ ଭାବେ ବ୍ୟବହୃତ ଷ୍ଟ୍ରୀଟ୍‌ଲାଇଟ୍‌ର ବିକଳ୍ପ ରୂପେ ଦେଖାଯାଏ। କୁହାଯାଏ ଯେ, ପ୍ରାକୃତିକ ଉପଗ୍ରହ ଚନ୍ଦ୍ରମାର ବିକଳ୍ପ ରୂପେ କାର୍ଯ୍ୟ କରିବାକୁ ଥିବା ଏହି କୃତ୍ରିମ ଉପଗ୍ରହ ୨୦୨୦ରେ ଲଞ୍ଚ ହେବା କ୍ଷଣି ସହର ରାତ୍ରି ସମୟରେ ଆହୁରି ଅଧିକ ଆଲୋକିତ ହୋଇଯିବ। କୃତ୍ରିମ ଚନ୍ଦ୍ରର ଆଲୋକକୁ ୧୦କି.ମି. ରୁ ୮୦ କି.ମି. ମଧ୍ୟରେ ନିୟନ୍ତ୍ରିତ କରାଯାଇପାରିବ।


ଚେଙ୍ଗ୍ଡୁ ସହରର କୃତ୍ରିମ ଚନ୍ଦ୍ରମା ସମ୍ବନ୍ଧିତ ପରିଯୋଜନାର ବିରୋଧ ମଧ୍ୟ ଆରମ୍ଭ ହୋଇଗଲାଣି। ନାଗରିକମାନେ ଚିନ୍ତିତ ହୋଇଗଲେଣି କାରଣ ପ୍ରାଣୀ, ମନୁଷ୍ୟଙ୍କଠାରୁ ଆରମ୍ଭ କରି ଅନ୍ତରୀକ୍ଷ ସହ ସମ୍ବନ୍ଧିତ ଗବେଷଣାଗାର ପର୍ଯ୍ୟନ୍ତ ସମସ୍ତଙ୍କ ଉପରେ ବିପରୀତମୁଖୀ ପ୍ରଭାବ ପଡ଼ିବ। ଅନ୍ୟ ଜଣେ ବରିଷ୍ଠ ବୈଜ୍ଞାନିକ କାଙ୍ଗ୍ ବେଇମିନ୍‌ଙ୍କ ମତାନୁସାରେ କୃତ୍ରିମ ଚନ୍ଦ୍ରମାର ଉଜ୍ଜ୍ୱଳ ଅତ୍ୟଧିକ ହୋଇପାରିବ ନାହିଁ। ବହୁ ବାଦବିବାଦ ସତ୍ତ୍ୱେ ଚାଇନା କୃତ୍ରିମ ଚନ୍ଦ୍ର ନିର୍ମାଣ କରୁଛି। କୃତ୍ରିମ ଚନ୍ଦ୍ରମାକୁ ପୃଥିବୀରୁ ୫୦୦ କି.ମି ଦୂରତା ମଧ୍ୟରେ ଅବସ୍ଥାପିତ କରାଯିବ। ଏହି କୃତ୍ରିମ ଉପଗ୍ରହ ଏକ ବିଶାଳ (ସ୍ପେସ୍ ମିରର୍) ମହାକାଶୀୟ ଦର୍ପଣ ବହନ କରିବ। ସେହି ଦର୍ପଣ ସୂର୍ଯ୍ୟକିରଣକୁ ପ୍ରତିଫଳନ କରି ପୃଥିବୀ ପୃଷ୍ଠରେ ପକାଇବ। ଉପଗ୍ରହର ପରୀକ୍ଷଣକୁ ୨୦୨୦ ସୁଦ୍ଧା ସମାପ୍ତ କରାଯିବାକୁ ପ୍ରୟାସ ଚାଲିଛି।

ଚାଇନା ପକ୍ଷରୁ ଏହିପରି ତିନୋଟି କୃତ୍ରିମ ଚନ୍ଦ୍ର ୨୦୨୨ ମସିହାରେ ମହାକାଶରେ ଅବସ୍ଥାପିତ କରାଯିବ। ସେତେବେଳେ ତିନୋଟି ବିଶାଳ ଦର୍ପଣକୁ ୩୬୦ଡିଗ୍ରୀ କକ୍ଷ ସମତଳକୁ ଭାଗ କରି ଗୋଟିଏ ଅଞ୍ଚଳକୁ ୨୪ ଘଣ୍ଟା ଆଲୋକ ଯୋଗାଇପାରିବ ବୋଲି ୱୁ ଚୁନ୍‌ଫେଙ୍ଗ କହିଛନ୍ତି।

''ଦି ଷ୍ଟେଟ୍ - ରନ୍'' ଚାଇନାର ଦୈନିକ ଖବରକାଗଜର ରିପୋର୍ଟ ଅନୁସାରେ, ପ୍ରତିଫଳିତ ସୂର୍ଯ୍ୟକିରଣ ପ୍ରାୟ ୩,୬୦୦ ବର୍ଗ କି.ମି. ରୁ ୬,୪୦୦ ବର୍ଗ କି.ମି. ଅଞ୍ଚଳ ପରିବ୍ୟାପ୍ତ ହୁଏ ଏବଂ ଉଜ୍ଜ୍ୱଳତା ଚନ୍ଦ୍ରର ଉଜ୍ଜ୍ୱଳତାଠାରୁ ପ୍ରାୟ ଆଠଗୁଣ ବେଶି। ଚନ୍ଦ୍ର ପୃଥିବୀ ଚାରିପଟେ ପ୍ରାୟ ୩୮୦,୦୦୦ କି.ମି. ଅତିକ୍ରମ କରେ। ମାତ୍ର କୃତ୍ରିମ ଚନ୍ଦ୍ରକୁ ପୃଥିବୀଠାରୁ ୫୦୦କି.ମି. କକ୍ଷପଥରେ ଅବସ୍ଥାପିତ କରାଯିବ। ଚିନ୍ତାର ବିଷୟ ଯେ, ଏହି କୃତ୍ରିମଚନ୍ଦ୍ର ସାଧାରଣ ଦିନ-ରାତି ଅବଧି, ପ୍ରାଣୀ ଓ ଉଦ୍ଭିଦ, ଆଲୋକର ତୀବ୍ରତା ଇତ୍ୟାଦିକୁ ପ୍ରଭାବିତ କରିବ। କୃତ୍ରିମ ଚନ୍ଦ୍ରର ଆଲୋକର ପ୍ରଗାଢ଼ତାକୁ କିଛି ଦୂରତା ମଧ୍ୟରେ ହିଁ ନିୟନ୍ତ୍ରିତ କରାଯାଇପାରିବ ଏବଂ ଏହା କକ୍ଷପଥରେ ଘୂରିବା ବେଳେ ଲୋକେ କେବଳ ଏକ ଉଜ୍ଜ୍ୱଳ ତାରକାକୁ ହିଁ ଆକାଶରେ ଦେଖିପାରିବେ।

ଅନ୍ୟକ୍ଷେତ୍ରରେ, ଏହି କୃତ୍ରିମଚନ୍ଦ୍ରର ଆଲୋକ ପ୍ରାୟ ୫୦ ବର୍ଗ କି.ମି. ପରିମିତ ଅଞ୍ଚଳରେ ଆଲୋକ ପ୍ରଦାନ କରିବ। ତେଣୁ ହଜାର ହଜାର କୋଟି ଟଙ୍କା ବିଦ୍ୟୁତ୍ ଶକ୍ତି ବାବଦରେ ସଞ୍ଚିତ ହୋଇପାରିବ। ଏହା ଦୈବୀଦୁର୍ବିପାକ ଚିହ୍ନିତ ଅଞ୍ଚଳ ଏବଂ ଯେତେବେଳେ ପ୍ରାକୃତିକ ବିପର୍ଯ୍ୟୟ ଯଥା ଭୂମିକମ୍ପ ହୋଇଥାଏ, ସେହି ଅଞ୍ଚଳକୁ ମଧ୍ୟ ଆଲୋକିତ କରିବାରେ ସାହାଯ୍ୟ କରିବ। ଆମେରିକା ଓ ରୁଷିଆ ମଧ୍ୟ ଏପରି ପରିକଳ୍ପନା କରିସାରିଛନ୍ତି। ୧୯୯୦ ମସିହାରେ ରୁଷିଆ 'ବ୍ୟାନର' ନାମକ ପରୀକ୍ଷଣ କରିଥିଲା ଏବଂ ଗୋଟିଏ ଦର୍ପଣ ସୂର୍ଯ୍ୟଙ୍କ ରଶ୍ମିକୁ ପୃଥିବୀରେ ପ୍ରତିଫଳନ କରିବା ଉପରେ ତାହା ଆଧାରିତ ଥିଲା। ସେହି ଦର୍ପଣ ମହାକାଶରେ ଠିକ୍ କାର୍ଯ୍ୟ ନ କରିବାରୁ ପରୀକ୍ଷଣ ବନ୍ଦ ହୋଇଗଲା। ମହାକାଶ ଶକ୍ତି ପ୍ରୟୋଗ ଉପରେ ଚାଇନା, ରୁଷ, ଆମେରିକା, ଜାପାନ ଇତ୍ୟାଦି ଦେଶ ଯଥେଷ୍ଟ ପ୍ରତିଯୋଗିତା ଚଳାଇଛନ୍ତି।

– ଭଞ୍ଜନଗର, ଗଞ୍ଜାମ



# ଆଇନା



ଆୟୁଷ (୫ ବର୍ଷ)



ଶୁଭ୍ରାଂଶୁ (୧୨ ବର୍ଷ)



ଆଦିତ୍ୟ (୧୦ ବର୍ଷ)